**ପ୍ରିୟ ଅଭିଭାବକ/ଅଭିଭାବିକାଗଣ,**

ନବବର୍ଷର ଅଭିନନ୍ଦନ। ଆପଣମାନେ ଜାଣନ୍ତି, ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, ପୁରୀ ତରଫରୁ ଚଳିତ ଶିକ୍ଷାବର୍ଷ ଆରମ୍ଭରୁ ସମଗ୍ର ଜିଲ୍ଲାରେ ଅଧ୍ୟୟନରତ ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କ ପାଇଁ **ଦଶମ (DASAM: an initiative towards academic excellence)** ଏକ ନୂତନ ପଦକ୍ଷେପ ଗ୍ରହଣ କରାଯାଇଛି । ଦଶମ ଶ୍ରେଣୀର **ସମସ୍ତ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟକୁ ଆଣିବା, ପ୍ରତ୍ୟେକ ବିଦ୍ୟାଳୟର ଶତପ୍ରତିଶତ ପରୀକ୍ଷାର୍ଥୀଙ୍କୁ ବାର୍ଷିକ ପରୀକ୍ଷାରେ ଉତ୍ତୀର୍ଣ୍ଣ କରାଇବା ଏବଂ ଅତିକମ୍ ରେ ଶତକଡା ଦଶଭାଗରୁ ଅଧିକ ଛାତ୍ରଛାତ୍ରୀଙ୍କୁ A1 (୯୦ ପ୍ରତିଶତରୁ ଅଧିକ ନମ୍ବର) ହାସଲ କରିବା** ଉଦ୍ଦେଶ୍ୟରେ ସମସ୍ତ ବିଷୟର ଅଭିଜ୍ଞ ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ନେଇ ଲଗାତର ଭାବରେ ପ୍ରତିଦିନ ଅଧଘଣ୍ଟା ଅଧିକ ସମୟ ବିଦ୍ୟାଳୟ ସ୍ତରରେ ଶିକ୍ଷାଦାନ କରାଯାଉଛି । ଚଳିତବର୍ଷ ବାର୍ଷିକ ପରୀକ୍ଷା ପୂର୍ବରୁ ପ୍ରତ୍ୟେକ ବିଷୟର ସମ୍ଭାବ୍ୟ ପ୍ରଶ୍ନପତ୍ରକୁ ଆଧାର କରି Pre-board ବ୍ୟତୀତ ଆଉ **ଦୁଇଟି ଅଭ୍ୟାସ ପରୀକ୍ଷା** କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି । ପ୍ରତ୍ୟେକ ବିଦ୍ୟାଳୟରେ ଖାଲି ଥିବା ଶିକ୍ଷକ ପଦବୀ ଗୁଡିକ ପୂରଣ କରାଯିବା ସହ ବିଷୟଭିତ୍ତିକ ଶିକ୍ଷକ ମାନଙ୍କର ତାଲିମ ଦ୍ୱାରା ସେମାନଙ୍କର ଦକ୍ଷତା ବୃଦ୍ଧି କରାଯାଇଛି ।

**କାର୍ଯ୍ୟକ୍ରମ (DASAM: an initiative towards academic excellence) ପାଇଁ ନିଆ ଯାଇଥିବା ପଦକ୍ଷେପ:**

୧. ପୁରୀ ଜିଲ୍ଲାର ସମସ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ / ପ୍ରଧାନଶିକ୍ଷୟିତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇ ଛାତ୍ରଛାତ୍ରୀ ମାନଙ୍କ ପରୀକ୍ଷା ଫଳର ଅଭିବୃଦ୍ଧି ନିମନ୍ତେ **ଜିଲ୍ଲା ସ୍ତରରେ ସଚେତନତା କାର୍ଯ୍ୟକ୍ରମ** କରାଯାଇଛି।

୨. ବ୍ଲକ ସ୍ତରରେ ବିଷୟଭିତ୍ତିକ ଶିକ୍ଷକ ଶିକ୍ଷୟିତ୍ରୀ ଚୟନ କରାଯାଇ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଫଳରେ ଅଭିବୃଦ୍ଧି କରିବା ପାଇଁ ସେମାନଙ୍କୁ **ଜିଲ୍ଲାସ୍ତରୀୟ subject expert ମାନଙ୍କ ଦ୍ୱାରା ତାଲିମ** ପ୍ରଦାନ କରାଯାଇଛି।

୩. ପ୍ରତ୍ୟେକ ବିଦ୍ୟାଳୟର ଛାତ୍ରଛାତ୍ରୀ ପ୍ରତି ବିଷୟରେ ଭଲ କରିବା ପାଇଁ ଦୈନିକ ଶିକ୍ଷାଦାନ ସମୟ ବ୍ୟତୀତ ସ୍ୱତନ୍ତ୍ର ଭାବେ **ଘ.୪.୦୦ ଠାରୁ ଘ. ୪.୩୦ମି.** ପର୍ଯ୍ୟନ୍ତ ଅଧଘଣ୍ଟା ଅଧିକ ସମୟ ଶିକ୍ଷାଦାନ କରାଯାଉଛି।

୪. ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ପ୍ରତ୍ୟେକ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କ ଶତପ୍ରତିଶତ ଉପସ୍ଥାନକୁ ଗୁରୁତ୍ୱ ଦିଆଯିବା ସହ ଅଭିଭାବକ ମାନଙ୍କୁ ବାରମ୍ବାର ଅନୁରୋଧ କରାଯାଉଛି ଓ ବ୍ଲକ ସ୍ତରରେ ଏ ସମ୍ପର୍କରେ ମଣ୍ଡଳ ଶିକ୍ଷାଧିକାରୀଙ୍କୁ ସାହାଯ୍ୟ କରିବାପାଇଁ **ଜଣେ ଜଣେ ନୋଡାଲ ପ୍ରଧାନଶିକ୍ଷକଙ୍କୁ** ଦାୟିତ୍ୱ ପ୍ରଦାନ କରାଯାଇଛି ।

୫. ଛାତ୍ରଛାତ୍ରୀମାନଙ୍କ ବିଷୟଭିତ୍ତିକ ସମସ୍ୟା ସମାଧାନ କରିବା ପାଇଁ **ବ୍ଲକ ସ୍ତରୀୟ subject expert** ମାନଙ୍କୁ ଭିନ୍ନ ଭିନ୍ନ ବିଦ୍ୟାଳୟର ଦାୟିତ୍ୱ ବଣ୍ଟନ କରାଯାଇଅଛି।

୬. ବିଦ୍ୟାଳୟରେ ଅନୁପସ୍ଥିତି ସମସ୍ୟା ରୋକିବା ପାଇଁ ପ୍ରଧାନଶିକ୍ଷକ / ପ୍ରଧାନଶିକ୍ଷୟିତ୍ରୀଙ୍କ ଦ୍ୱାରା ସେହି ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ସଂଖ୍ୟା ଆଧାରରେ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ Mentor ଶିକ୍ଷକରୂପେ ୮ ରୁ ୧୦ ଜଣ ଛାତ୍ରଛାତ୍ରୀଙ୍କ ଦାୟିତ୍ୱ ପ୍ରଦାନ କରାଯାଇଅଛି । **Mentor ଶିକ୍ଷକମାନେ** ନିଜ ନିଜର ଦାୟିତ୍ୱରେ ଥିବା ଛାତ୍ରଛାତ୍ରୀ ମାନଙ୍କ ଘରକୁ ଯାଇ ସେମାନଙ୍କର ବିଦ୍ୟାଳୟରେ ନିୟମିତ ଉପସ୍ଥାନ ସୁନିଶ୍ଚିତ କରିବା ସହ ଶୈକ୍ଷିକ ଅଭିବୃଦ୍ଧି ନିମନ୍ତେ ପରାମର୍ଶ ଦେଉଛନ୍ତି ।

୭. ଜିଲ୍ଲା ଶିକ୍ଷାଧିକାରୀଙ୍କ ଦ୍ୱାରା ବ୍ଲକ ସ୍ତରରେ ବୈଠକ କରାଯାଇ ପ୍ରତ୍ୟେକ ବିଦ୍ୟାଳୟର ପ୍ରଧାନଶିକ୍ଷକ / ପ୍ରଧାନଶିକ୍ଷୟିତ୍ରୀଙ୍କ ସହ **ବିଦ୍ୟାଳୟୱାରୀ ଦଶମ ଶ୍ରେଣୀର ପାଠ ପଢା ଓ ମାଟ୍ରିକ ପରୀକ୍ଷା ପ୍ରସ୍ତୁତି ଉପରେ ଆଲୋଚନା** କରାଯାଇଛି ।

୮. ପ୍ରତ୍ୟେକ ବ୍ଲକ୍ର **A1 ପ୍ରତ୍ୟାଶୀ ଛାତ୍ରଛାତ୍ରୀମାନଙ୍କ** ତାଲିକା ପ୍ରସ୍ତୁତ କରାଯିବା ସହ ସେମାନଙ୍କୁ ସମ୍ପ୍ରତି ଦୁଇଦିନ ଧରି ବିଭିନ୍ନ ବ୍ଲକ ମୁଖ୍ୟାଳୟ ବିଦ୍ୟାଳୟ ମାନଙ୍କରେ ଅଭିଜ୍ଞ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଦ୍ୱାରା ସମସ୍ତ ବିଷୟରେ **ସ୍ୱତନ୍ତ୍ର କୋଚିଂ** ପ୍ରଦାନ କରାଯାଉଛି।

୯. ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଉତ୍ସାହିତ କରିବାପାଇଁ ଜିଲ୍ଲାର ପ୍ରତ୍ୟେକ ବିଷୟର **ଶ୍ରେଷ୍ଠ ବିଷୟଭିତ୍ତିକ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ** ମାଟ୍ରିକ ପରୀକ୍ଷା ଫଳ ଆଧାରରେ **ଜିଲ୍ଲା ସ୍ତରରେ ପୁରସ୍କାର** ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି ।

ଏଣୁ ଆପଣମାନେ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ସହଯୋଗର ହାତ ବଢାଇବା ସହ ନିଜ ନିଜର ପିଲାମାନଙ୍କୁ ନିୟମିତ ବିଦ୍ୟାଳୟକୁ ପଠାଇବା ପାଇଁ ଅନୁରୋଧ ।

**-:ଧନ୍ୟବାଦ:-**

ନିବେଦକ

ଜିଲ୍ଲାପାଳ,ପୁରୀ